ଶନିବାର, ୧୬ ନଭେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 50 Years



# ଖିଲି ଖିଲି ହସ

ରାମୁ: ମୁଁ ମୋ ଶାର୍ଟକୁ ସାବୁନ୍‌ରେ ଧୋଇ ସଫା କରି ଦେଇଛି, ହେଲେ ସେ ଏବେ ଛୋଟ ହୋଇଯାଇଛି, ଏବେ କ'ଣ କରିବି ?
ଶାମୁ: ଗୋଟେ କାମ କର ସେଇ ସାବୁନ୍ ଲଗେଇ ତୁ ଗାଧୋଇ ପଡ। ଦେଖିବୁ ସେଇ ଶାର୍ଟ ତତେ ଠିକ୍ ଫିଟିଂ ଆସିଯିବ।

ବାପା: ଆରେ ଟିକୁ, ଆଜି ଟେଷ୍ଟରେ କେତେ ମାର୍କ ଆସିଛି ତୋର ?
ଟିକୁ: ମିକୁ ଠାରୁ ମାତ୍ର ୨୦ ମାର୍କ କମ୍।
ବାପା: ତେବେ ମିକୁର କେତେ ମାର୍କ ଥିଲା ?
ଟିକୁ: ୨୦ମାର୍କ ।

ଭିକାରି: ଭାଇ, କିଛି ଖାଇବାକୁ ଦିଅ।
ବ୍ୟକ୍ତି: କାଲିର ବାସି ରୁଟି ତୁମେ ଖାଇବ ?
ଭିକାରି: ହଁ, ଖାଇବି।
ବ୍ୟକ୍ତି: ତେବେ ଗୋଟେ କାମ କର, ଆସନ୍ତାକାଲି ଆସ।



## ଗପ

# ନିମ୍ବ ଆଉ ଆମ୍ବ

ସବୁଜ ସୁନ୍ଦର ଜଙ୍ଗଲଟିଏ। ବିଭିନ୍ନ ପ୍ରକାରର ଗଛରେ ବର୍ଷତମାମ ଫୁଲ ଫଳ ଭରି ରହିଥାଏ। ସେହି ଜଙ୍ଗଲ ଦେଇ ବହି ଯାଉଥାଏ ଝରଣାଟିଏ। ସୁନ୍ଦର ପ୍ରାକୃତିକ ପରିବେଶ ସାଙ୍ଗକୁ ଝରଣାର କୁଲୁକୁଲୁ ଶବ୍ଦ ନିଜ ଆଡକୁ ଟାଣି ନେଉଥାଏ।

ଝରଣା ନିକଟରେ ରହିଥାଏ ଗୋଟିଏ ସୁନ୍ଦର ଆମ୍ବଗଛଟିଏ। ସେହି ଗଛର ଆମ୍ବ ଭାରି ମଧୁର। ଦେଖିବାକୁ ମଧ୍ୟ ଗଛଟି ବହୁତ ସୁନ୍ଦର। ବର୍ଷର ସବୁ ସମୟରେ ସେଥିରେ ଫଳ ଭରିରହିଥାଏ। ଆମ୍ବ ବଉଳର ମହକରେ ସାରା ଜଙ୍ଗଲ ମହକି ଉଠେ। ଚାରିଆଡୁ ମହୁମାଛି ମଧ୍ୟ ମଧୁ ସଂଗ୍ରହ ଆଶାରେ ଧାଇଁ ଆସନ୍ତି। ନିଜର ଏହି ସୁନ୍ଦରତା ଆଉ ମିଠା ଫଳକୁ ନେଇ ସେ ସବୁବେଳେ ଗର୍ବକରେ। ଆଖପାଖରେ ଥିବା ସମସ୍ତ ଗଛକୁ ସେ ଥଟ୍ଟା ପରିହାସ କରିଥାଏ। ଆରେ ଦେଖ ମୋ ପାଖକୁ କେତେ ଜୀବଜନ୍ତୁ ଆସୁଛନ୍ତି ହେଲେ ତୁମ ପାଖକୁ କେହି ବି ଆସୁନାହାନ୍ତି। ମଣିଷମାନେ ମୋ ଫଳକୁ ଖାଇ ପେଟର ଭୋକ ମେଣ୍ଟାଉଛନ୍ତି। ହେଇ ଦେଖୁନ ସେଇ ନିମ୍ବ ଗଛକୁ ତା' ମୂଳକୁ କେହି ବି ଯାଉନାହାନ୍ତି। କି ପ୍ରକାରର ଗନ୍ଧ ଛାଡୁଛି ସେ। ସାଧାରଣ ପକ୍ଷୀଟିଏ ବି ତା ପାଖକୁ ଯାଉନାହିଁ।

ପ୍ରତିଦିନ ଆମ୍ବ ପାଖରୁ ଏହି କଥା ଶୁଣି ଶୁଣି ସେ ଆଉ ସହି ପାରିଲାନାହିଁ। ନିମ୍ବ କହିଲା, ତୁମେ ଯେଉଁ ରୂପକୁ ନେଇ ଗର୍ବ କରୁଛ ତାହା କେବେ ଠିକ୍ ନୁହେଁ। ଭଗବାନ ଏ ସୃଷ୍ଟିରେ ଯାହାକୁ ଯେପରି ଗଢିଛନ୍ତି ସେମାନେ ସେପରି ଅଛନ୍ତି। ତୁମଠାରୁ ଯଦି କେହି କିଛି ଲାଭ ପାଉଛି ଆମମାନଙ୍କଠାରୁ ମଧ୍ୟ କିଛି ଲାଭ ମିଳୁଛି। ଭଗବାନଙ୍କ ସୃଷ୍ଟିରେ ସମସ୍ତେ ସମାନ। ତୁମେ ଜାଣିଛ ମୋ ଗଛର ଛେଲିରେ ମ୍ୟାଲେରିଆ ଭଳି ଜ୍ୱରର ନିରାକରଣ ହୋଇଥାଏ। ମଧୁମେହଠାରୁ ଆରମ୍ଭ କରି ବିଭିନ୍ନ ଚର୍ମ ରୋଗ, ଆଣ୍ଠୁଗଣ୍ଠି ଭଳି ରୋଗରୁ ଉପଶମ ମିଳିଥାଏ। ତୁମ କଥା ଆମ କଥାକୁ ଭୁଲି ସଂସାରରେ ଯେକୌଣସି ସୃଷ୍ଟିକୁ ଲକ୍ଷ୍ୟ କରନ୍ତୁ, କାହାର କିଛି ନା କିଛି ଉପକାରିତା ଗୁଣ ରହୁଛି। ଅନ୍ୟକୁ ଆକ୍ଷେପ କରିବାଟା କେବେବି ଭଲ ନୁହେଁ। ନିମ୍ବ କଥା ଶୁଣି ଆମ୍ବ ଗଛର ମଥା ତଳକୁ ହୋଇଗଲା। ନିମ୍ବ କଥାରେ ସହମତ ହୋଇ ଅନ୍ୟ ଗଛମାନେ ମଧ୍ୟ କହିବାକୁ ଲାଗିଲେ, 'ଆମେ ବି ବହୁତ ଦିନ ହେଲା ଲକ୍ଷ୍ୟ କରୁଛୁ ତୁମେ ଆମ ମାନଙ୍କଠୁ ଦୂରେଇ ରହୁଛ। ମାନୁଛୁ ତୁମେ ଆମଠାରୁ ବେଶ୍ ସୁନ୍ଦର ହୋଇପାର, ତୁମ ଫଳ ବି ରସାଳ ହୋଇପାରେ କିନ୍ତୁ ତାକୁ ନେଇ ଏତେ ଗର୍ବ କରିବାଟା ବିଲ୍‌କୁଲ୍ ଠିକ୍ ନୁହେଁ। ହେଇ ଦେଖ ମୟୂର କେତେ ସୁନ୍ଦର ସେ କ'ଣ କେବେ ଗର୍ବ କରିବାର ଦେଖିଛ। ତୁମେ ଯଦି ଏପରି କରିବ ସମୟ ଆସିବ ତୁମେ ବିପଦରେ ପଡିଥିବ କିନ୍ତୁ ଆମେ କେହି ପାଖରେ ନ ଥିବୁ। ତେଣୁ ସବୁକଥାକୁ ବିଚାର କରି କାମ କର।

ଆମ୍ବ ତାର ଭୁଲ ସ୍ୱୀକାର କରି କହିଲା , 'ମୋ ସୁନ୍ଦରତାକୁ ନେଇ ଯେଉଁ ଗର୍ବ କରୁଥିଲି ତା'ର ଠିକ୍ ଜବାବ ପାଇଗଲି। ତେଣୁ ଆଜିଠାରୁ ଶପଥ କରୁଛି ମିଳିମିଶି ଚଳିବା। କେବେ କାହା ସହ ଝଗଡା କରିବା ନାହିଁ।

– ଅର୍ଜୁନ ଦାସ
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା


ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ରହସ୍ୟମୟୀ ଜଙ୍ଗଲ

ଉତ୍ତରପ୍ରଦେଶ ମୀରଟର କେଥୱାଡିରେ ରହିଛି ଏକ ରହସ୍ୟମୟୀ ଜଙ୍ଗଲ। ଉଭୟ ଧର୍ମ ଓ ପରମ୍ପରା ସହିତ ଯୋଡି ହୋଇ ଏଠାରେ ଏଭଳି ନିୟମସବୁ ରହିଛି, ଯାହା ଯେତିକି ଚକିତ କରାଏ ସେତିକି ଶ୍ରଦ୍ଧା ସୃଷ୍ଟି କରେ।

ଜଙ୍ଗଲଟି ମହାଭାରତ ଯୁଗ ସମୟର ବୋଲି କୁହାଯାଏ। ସେଥିପାଇଁ ଜଙ୍ଗଲର ସୁରକ୍ଷା ନିମନ୍ତେ ଏଠାରେ ବିଭିନ୍ନ ଧାର୍ମିକ ପରମ୍ପରା ବି ରହିଛି। ମାନ୍ୟତା ରହିଛି କି ଏହି ଜଙ୍ଗଲରୁ କେହି ବି ପତ୍ରଟିଏ ତୋଳିପାରିବେ ନାହିଁ। ଯଦି ଭୁଲରେ କିମ୍ବା ଲୁଚି ଲୁଚି କେହି ଗଛର କ୍ଷତି କରିବାକୁ ଚାହେଁ ତା'ହେଲେ ତା' ପରିବାର ଉପରେ ଖୁବ୍‌ଶୀଘ୍ର ଘୋର ସଙ୍କଟ ମାଡିଆସିବ। ଲୋକଙ୍କ ଆସ୍ଥା ଓ ରହସ୍ୟକୁ ନେଇ ଏହି ଜଙ୍ଗଲର ନିୟମକୁ ଆଖପାଖର ସବୁ ଲୋକ ସମ୍ମାନ ଦେଇଥାନ୍ତି। କୁହାଯାଏ ମହାଭାରତ ଯୁଗ ସମୟରେ ଅର୍ଜୁନଙ୍କ ବଂଶଧର ଏଠାରେ ମାଆ ଦୁର୍ଗାଙ୍କର ଏକ ମନ୍ଦିର ତିଆରି କରିଥିଲେ, ଯେଉଁଠାରେ ମାଆ ଏବେ ବି ପୂଜା ପାଉଛନ୍ତି। ଆଉ କୌଣସି କାରଣରୁ ଯଦି ଜଙ୍ଗଲରେ ଥିବା ଗଛର କୌଣସି ପତ୍ର ବା ଡାଳ କାହାର ଆବଶ୍ୟକ ହୁଏ ତେବେ ପ୍ରଥମେ ମାଆଙ୍କ ମନ୍ଦିରରୁ ଅନୁମତି ନେବାକୁ ହୁଏ। ଏଭଳିଭାବେ ଜଙ୍ଗଲ ସୁରକ୍ଷା ପାଇଁ ସ୍ଥାନୀୟ ଲୋକେ ପ୍ରତ୍ୟେକ ନିୟମକୁ ସମ୍ମାନ ଦିଅନ୍ତି। ତେବେ ଆସ୍ଥା ଓ ଧାର୍ମିକ ପରମ୍ପରା ମାଧ୍ୟମରେ ଯେ ପ୍ରକୃତିର ସୁରକ୍ଷା ହୋଇପାରୁଛି ତାହା ନିଶ୍ଚିତଭାବେ ସମସ୍ତଙ୍କ ପାଇଁ ଉଦାହରଣ ହୋଇପାରିବ।



# ମତାମତ

▶▶ ଆଇନା ସ୍ତମ୍ଭରେ ପ୍ରକାଶିତ ଫଟୋଗୁଡିକ ବେଶ୍ ସୁନ୍ଦର ହେଉଛି।
**–ରଞ୍ଜନ ମହାନ୍ତି, ବାଲିଆପାଳ,ବାଲେଶ୍ୱର**

▶▶ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ 'ଆମ ରାଷ୍ଟ୍ରୀୟ ପ୍ରତୀକ'ରୁ ବିଭିନ୍ନ ତଥ୍ୟ ଉପରେ ମୋର ଟିକେ ଆଇଡିଆ ଆସିଲା।
**– ତୋଷାଣି ରାଉତ, ବ୍ରହ୍ମପୁର**

▶▶ ଗିନିଜ୍ ୱାର୍ଲ୍ଡ ରେକର୍ଡରେ 'ଦାନ୍ତରେ ଭାଙ୍ଗିଲେ ୱାଲନଟ୍' ପାଠଟି ପଢ଼ି ଆଶ୍ଚର୍ଯ୍ୟ ଲାଗିଲା।
**–ବିନୋଦ ସ୍ୱାଇଁ, ବାଲିକୁଦା, ଜଗତ୍‌ସିଂହପୁର**

## ରଙ୍ଗ ଦିଅ





“ପିଲାମାନେ ପାଠ ପଢ଼ିବା ବେଳେ କେତେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ତେବେ ଏହି ସମୟରେ ନିଜ ଆତ୍ମବିଶ୍ୱାସ ବଢ଼ାଇବା ସହ ଏଗୁଡ଼ିକର ସମାଧାନ ଲାଗି କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ହେଲେ ଏହାର ସରଳ ଉପାୟ ସେମାନଙ୍କ ହାତ ପାଖାନ୍ତାରେ ରହିଛି।”

# ଉପାୟ ନିଜ ହାତରେ...

ସାଧାରଣତଃ ପିଲାମାନେ ପାଠପଢ଼ା ପ୍ରତି ଅଧିକ ମନୋନିବେଶ କରିଥାଆନ୍ତି। ତା’ ସହ ନିଜ ଭିତରେ ଲୁଚି ରହିଥିବା ପ୍ରତିଭାକୁ ପ୍ରଦର୍ଶନ କରିବାକୁ ମଧ୍ୟ ଚେଷ୍ଟା କରନ୍ତି। ଅନେକ ସମୟରେ ସେମାନେ ଏ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଏହି ସମୟରେ ସେମାନଙ୍କର ମାତାପିତା, ପରିବାର ସଦସ୍ୟ ଏପରିକି ସ୍କୁଲର ଶିକ୍ଷୟିତ୍ରୀ–ଶିକ୍ଷକ ସେମାନଙ୍କୁ ସହଯୋଗ କରିଥାଆନ୍ତି। କିନ୍ତୁ ସେମାନେ ଯଦି ନିଜେ ଏହାର ସମାଧାନର ଉପାୟ ଚିନ୍ତା କରିବେ ତେବେ କେତେକାଂଶରେ ସଫଳ ହୋଇପାରିବେ। କେତେକ ପିଲା ସମସ୍ୟାର ସମ୍ମୁଖୀନ ହେବା ମାତ୍ରେ ଭାଙ୍ଗି ପଡ଼ନ୍ତି। ଏ ନେଇ ସେମାନଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହୁଏ। ତେଣୁ ସେ ସମୟରେ ତାଙ୍କର ମନୋବଳକୁ ଦୃଢ଼ ରଖିବା ଜରୁରୀ। କାରଣ ନକାରାତ୍ମକ ଚିନ୍ତାଧାରା ଆଗକୁ ଆଗେଇବାକୁ ଦେଇ ନ ଥାଏ। ତେବେ ନିଜ ସମସ୍ୟାର ସମାଧାନ ସେମାନେ କିପରି ନିଜେ କରିପାରିବେ ସେ ବିଷୟରେ ଅବଗତ ହେବା ଆବଶ୍ୟକ।

## ବୁଝିବା ଶକ୍ତି

କୌଣସି ସମସ୍ୟାର ସମାଧାନ କରିବା ପୂର୍ବରୁ ସେହି ସମସ୍ୟା ବିଷୟରେ ଭଲ ଭାବରେ ଅବଗତ ହେବା ଆବଶ୍ୟକ। ତେବେ ଏହାର ସମାଧାନର ପନ୍ଥା ବାହାରି ପାରିବ। ସମସ୍ୟା ବିଷୟରେ ପ୍ରଥମେ ନିଜେ ଠିକ୍ ଭାବରେ ଜାଣନ୍ତୁ। ଏହା କ’ଣ ପାଇଁ ସୃଷ୍ଟି ହୋଇଛି ଏବଂ ଏହାକୁ କିପରି ସମାଧାନ କରାଯାଇପାରିବ । ସମସ୍ୟାକୁ ନେଇ ଏଣୁତେଣୁ ଆଦୌ ଭାବନ୍ତୁ ନାହିଁ। ଏହାକୁ ଭଲ ଭାବରେ ବୁଝିପାରିଲେ ନିଜେ କେତେକାଂଶରେ ଏହାର ସମାଧାନର ସୂତ୍ର ବାହାର କରିପାରିବେ।

## ନିଜକୁ ଉତ୍ସାହିତ କରନ୍ତୁ

ପିଲାମାନେ ଯଦି କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ସେହି ସମୟରେ ଭାଙ୍ଗି ପଡ଼ିବା ଠିକ୍ ନୁହେଁ। ପ୍ରତିଟି କ୍ଷେତ୍ରରେ ନିଜ ଉପରେ ଭରସା ରଖନ୍ତୁ। ନିଜେ ନିଜକୁ ଉତ୍ସାହିତ କରନ୍ତୁ। ଏହାଦ୍ୱାରା ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ପିଲାଟି ଯଦି ଏଭଳି ସମୟରେ ନିଜ ମନକୁ ଦୃଢ଼ ରଖିପାରିଲା, ତେବେ ସମସ୍ୟାଟି ତାକୁ ବୋଝ ଲାଗିବ ନାହିଁ।

## ଧୈର୍ଯ୍ୟ ରଖନ୍ତୁ

ପିଲାମାନଙ୍କର ଯେତେବେଳେ ବୁଝିବା ଶକ୍ତି ଆସିଯାଏ, ସେମାନେ ନିଜ ନିଜ କାମ ନିଜେ କରିବାକୁ ଆଗଭର ହୋଇଥାଆନ୍ତି। ଏହି ସମୟରେ ଗୋଟିଏ ଜିନିଷର ଆବଶ୍ୟକତା ରହିଛି। ତାହା ହେଲା ଧୈର୍ଯ୍ୟ। କାରଣ ପ୍ରତିଟି କାମରେ ଅଧୈର୍ଯ୍ୟ ହୋଇପଡିଲେ ସବୁକିଛି ଓଲଟପାଲଟ ହୋଇଯାଏ। ପିଲାଟିବେଳୁ ସେମାନେ ଯଦି ଧୈର୍ଯ୍ୟର ସହ କାମ କରନ୍ତି, ତେବେ ସେମାନଙ୍କ ଆତ୍ମବିଶ୍ୱାସ ପୂର୍ବାପେକ୍ଷା ଦୃଢ଼ ହୋଇଥାଏ। ଠିକ୍ ସେହିପରି ଯଦି ସେମାନେ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ତାହାକୁ ନିଜେ ସମାଧାନ କରିବା ପୂର୍ବରୁ ଧୈର୍ଯ୍ୟ ଦରକାର। ଯଦି ସେତେବେଳେ ଅଧୈର୍ଯ୍ୟ ହୋଇପଡିବେ, ତେବେ ଚିନ୍ତା କରିଥିବା କଥାକୁ କାମରେ ଲଗାଇ ପାରିବେ ନାହିଁ। ତେଣୁ ପ୍ରତିଟି ସମସ୍ୟାର ସମାଧାନ ଧୈର୍ଯ୍ୟର ସହ କଲେ ସେଥିରୁ ପିଲାମାନେ ମୁକୁଳି ପାରିବେ।

## ସାଙ୍ଗସାଥୀଙ୍କଠାରୁ ଶିଖନ୍ତୁ

ସାଧାରଣତଃ ପିଲାମାନେ ସାଙ୍ଗସାଥୀ ପରିସର ବଢ଼ାଇବାକୁ ଚେଷ୍ଟା କରିଥାଆନ୍ତି। ଏହି ସମୟରେ ସବୁବେଳେ ଏଭଳି ପିଲାଙ୍କ ସହ ସାଙ୍ଗ ହୁଅନ୍ତୁ, ଯାହାଙ୍କ ନିକଟରୁ କିଛି ଭଲ କଥା ଶିଖିପାରିବେ। ଯଦି କିଛି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତେବେ ଏ ବିଷୟରେ ସାଙ୍ଗସାଥୀଙ୍କ ଠାରୁ ସମାଧାନର ସୂତ୍ର ବାହାର କରିପାରନ୍ତି। ହେଲେ ତା’ପୂର୍ବରୁ ସେହି ସୂତ୍ର ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ। ତାହା ଆପଣଙ୍କ ସମସ୍ୟା ପାଇଁ କେତେ ଉପଯୋଗୀ ଭଲ ଭାବରେ ଅବଗତ ହେବା ପରେ ହିଁ ତାକୁ ଆପଣେଇବା ଭଲ।

## ଆତ୍ମବିଶ୍ୱାସ

ପିଲାମାନେ, କୌଣସି କ୍ଷେତ୍ରରେ ଆଗେଇବା ସମୟରେ ନିଜର ଆତ୍ମବିଶ୍ୱାସ ଦୃଢ଼ ରହିବା ଜରୁରୀ। ପାଠ ପଢ଼ିବା ସମୟରେ ଏହାର ଭୂମିକା ଆହୁରି ବଢ଼ିଯାଇଥାଏ। ତେବେ ଯେତେବେଳେ କୌଣସି ସମସ୍ୟାର ସମ୍ମୁଖୀନ ହେଉଛ ସେତେବେଳେ ପ୍ରଥମେ ନିଜର ଆତ୍ମବିଶ୍ୱାସ ଦୃଢ଼ ରଖିବାକୁ ଚେଷ୍ଟାକର। ଆଉ ଥଣ୍ଡା ମନରେ ଚିନ୍ତା କରି ଏ ସମ୍ପର୍କରେ ସମାଧାନର ଉପାୟ ବାହାର କରିହେବ।

## ଏମାନେ କ’ଣ କରନ୍ତି...

### ଥଣ୍ଡା ମନରେ ଚିନ୍ତା କରେ



ବିଶେଷଭାବରେ ମୁଁ ପାଠ ପଢ଼ିବା ସମୟରେ କେତେକ ସମସ୍ୟାର ସମ୍ମୁଖୀନ ହୋଇଥାଏ। ତେବେ ଏହି ସମୟରେ କଦାପି ଧୈର୍ଯ୍ୟହରା ହୁଏନାହିଁ। ମନକୁ ଶାନ୍ତ ରଖି କିଛି ସମୟ ଚିନ୍ତା କରେ। କିପରି ଏଭଳି ସମସ୍ୟାର ସମାଧାନ କରିବି। ଯଦି ମୋ ଦ୍ୱାରା ସମ୍ଭବ ନ ହୁଏ ତେବେ ମା’ବାବା କିମ୍ବା ଶିକ୍ଷକଙ୍କର ସହାୟତା ନେଇଥାଏ। ତେବେ ସବୁବେଳେ ନିଜ ସମସ୍ୟାକୁ ନିଜେ ସମାଧାନ କରିବାକୁ ଚେଷ୍ଟା କରେ। ଏହି ସମୟରେ ମାନସିକତାକୁ ସକାରାତ୍ମକ ରଖେ। କୌଣସି ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ବିଷୟରେ ସାଙ୍ଗସାଥୀଙ୍କ ସହ ଆଲୋଚନା କରେ।

**–ଆୟୁଷୀ ସାହୁ,** କ୍ଲାସ–୭, ଆପିଜେ ସ୍କୁଲ, ଭୁବନେଶ୍ୱର

### ଅଧୈର୍ଯ୍ୟ ହୁଏ ନାହିଁ



କେବଳ ପାଠପଢ଼ା ନୁହେଁ, ବ୍ୟକ୍ତିଗତ ଜୀବନରେ ମୁଁ କେତେକ ସମସ୍ୟାର ସମ୍ମୁଖୀନ ହୋଇସାରିଛି। ତେବେ ଏହା ମଧ୍ୟରୁ କେତେକ ସମସ୍ୟାର ନିଜେ ସମାଧାନ କରିପାରିଛି। ଏକଦା ଏକ ସମସ୍ୟାର ସମାଧାନ ନିଜେ କରିବା ପରେ ମୋର ଆତ୍ମବିଶ୍ୱାସ ଆହୁରି ଦୃଢ଼ ହୋଇଥିଲା। ତେବେ ଯେତେବେଳେ ମୁଁ କୌଣସି ସମସ୍ୟାର ସମ୍ମୁଖୀନ ହୁଏ ସେତେବେଳେ ଆଦୌ ଅଧୈର୍ଯ୍ୟ ହୁଏନାହିଁ। କେମିତି ତାହାକୁ ସମାଧାନ କରିବି ସେ ବିଷୟରେ ଚିନ୍ତା କରେ।

**–ଧନୁର୍ଜୟ ବେହେରା,** କ୍ଲାସ୍–୧୦, ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ, କଣାସ,ପୁରୀ





୧



୨



୩



୭



୪



୫



୬



୮



**ସିଦ୍ଧିଶ୍ରୀୟା ସାହୁ**
କ୍ଲାସ୍- ୬, କେନ୍ଦ୍ରୀୟ ବିଦ୍ୟାଳୟ -୩, ଭୁବନେଶ୍ୱର

୧

**ଆୟୁଶ୍ରୀ ଦାଶ**
କ୍ଲାସ୍-୩, ମହର୍ଷି ବିଦ୍ୟାମନ୍ଦିର, ନୟାଗଡ଼



୨



**ଆୟାଂଶ ମିଶ୍ର**
କ୍ଲାସ୍- ୫, ସେଣ୍ଟ ଯୋଶେଫ ହାଇସ୍କୁଲ, ଭୁବନେଶ୍ୱର

୩

**ସୁମୟା ଖାତୁନ୍**
କ୍ଲାସ-୩, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର



୪



**ସୌମ୍ୟାପ୍ରିୟା କାଣ୍ଡି**
କ୍ଲାସ୍-୪, କଣ୍ଟାପଡା ପ୍ରାଥମିକ ବିଦ୍ୟାଳୟ, ଅସ୍ତରଙ୍ଗ, ପୁରୀ

୫

**ଋତୁପର୍ଣ୍ଣା ବାରିକ**
କ୍ଲାସ୍- ୫, ବାଜି ରାଉତ ଶିକ୍ଷା ନିକେତନ, ସେକ୍ଟର-୫, ରାଉରକେଲା



୬



**ଆଦ୍ୟାଶା ପ୍ରିୟଦର୍ଶିନୀ**
କ୍ଲାସ-୭, ମଦର୍ସ ପବ୍ଲିକ ସ୍କୁଲ, ୟୁନିଟ-୧, ଭୁବନେଶ୍ୱର

୭

**ପୂଜା ଦାସ**
କ୍ଲାସ୍-୯, ଇନ୍ଦିପୁର ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ



୮



## କବିତା

### ବାଲିଯାତରା ଡାକୁଛି ଆ'

ଗଡ଼ଗଡ଼ିଆ ବାଲିଯାତରା
ଡାକୁଛି ଦେଖି ଆ'
ବରଷେ ପରେ ତୋରଣ ତଳୁ
ଖୁସି ତୁ ନେଇ ଯା' ।
ଖୋଲାପସରା ବଣିଜ ଧରି
କେ' କେଉଁ ଦେଶୁ ଆସେ
ସାତ ସାଧବ କଥା ସୁମରି
କିଲ୍ଲା ପଡ଼ିଆ ହସେ ।
ଚଉଦିଗରୁ ସାଥୀ ମେଳରେ
ଆସନ୍ତି ଲୋକମାଡ଼ି
ଉଠାଦୋକାନୀ ବୁଲାବିକାଳି
ଛାଡ଼ନ୍ତି ବଡ଼ ରଡ଼ି ।
ଘରକରଣା ଖେଳଣା କାଠ
ଚାନ୍ଦୁଆ ବେତ ଲୁହା
ଲୁଗା ଗହଣା ସଉକିଆନି
ଦରବ ହୁଏ ବୁହା ।
ମନମୋହିବା ମଞ୍ଚରେ କଳା –
କାରଙ୍କ ଅଭିନୟ
ମଉଜେ ଖାଇ ବୁଲିଲା ବେଳେ
ନ ଥାଏ ଡରଭୟ ।

**– ମହେନ୍ଦ୍ର କୁମାର ଘଡ଼େଇ**
ମୋ: ୯୪୩୭୭୪୦୫୬୬

### ଆସିଛି ବାଲିଯାତରା

ଆସିଅଛି ବାଲିଯାତରା
ସାଥେ ଘେନି ହସଖୁସି ପସରା
କାର୍ତ୍ତିକ ପୁନେଇଁ ଶୁଭ ବେଳାରେ
ଆରମ୍ଭ ହୁଅଇ ଏ ମେଳା ପରା ।
ଯାଉଥିଲେ ବୋଇତ ମେଲି
ଜାଭା, ସୁମାତ୍ରା, ବୋର୍ନିଓ, ବାଲି
ଆଣୁଥିଲେ ବୋହି ଧନ ଦଉଲତ
ସାଧବମାନେ ହେ ବିଦେଶୁ ପରା ।
ଆ କା ମା ବୈ ଗୀତକୁ ଗାଇ
ନଈ ପୋଖରୀରେ ଡଙ୍ଗା ଭସାଇ
ପାନ ଗୁଆ ଦେଇ ଦୀପଟିଏ ଜାଳି
ଉତ୍ସବ ମନାନ୍ତି ରାଇଜ ସାରା ।
ନୌବାଣିଜ୍ୟ ଗୌରବ ଗାଥା
ବାଲିଯାତ୍ରା ପରା କହେ ସେ କଥା
ରଙ୍ଗ ବେରଙ୍ଗର ଆଲୋକମାଳାରେ
ଯାତରା ପଡ଼ିଆ ଦିଶଇ ତୋରା ।
ସାରା ରାଇଜର ଗରବ
କଟକର ବାଲିଯାତ୍ରା ପରବ
ଭେଦଭାବ ଭୁଲି ଯିବା ପାଇଁ ଦିଏ
ଅବସର ଆମ ଏ ପରମ୍ପରା ।
ବାଲିଯାତରାକୁ ଆମର
ଅଧିକ କରିବା ପାଇଁ ସୁନ୍ଦର
ପାଇଲେ ଏ ମେଳା ଜାତୀୟ ମାନ୍ୟତା
ଏ ଯାତ୍ରା ହୋଇବ ଆହୁରି ତୋରା ।

**–ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

### ଶହୀଦ ବାଜି ରାଉତ



ବାର ବରଷର ବାଳକ ବୀର ସେ ବାଜି ରାଉତ
ସାନ ଦେହ ସିନା ମନରେ ତାହାର ବଳ ବହୁତ ।
ଗରିବ ଘରର ପିଲାଟି ମନ ଗରିବ ନୁହେଁ,
ମାତୃଭୂମି ପାଇଁ ଲଢ଼ିବ ବୀର ଦର୍ପରେ କହେ ।
ପ୍ରଜାମଣ୍ଡଳର ସାଜିଲା ଏକ ବୀର ସିପାହି,
ନଦୀ ଘାଟେ ଜଗି ବସିଲା ଶତ୍ରୁ ଛାଡ଼ିବ ନାହିଁ ।
ନିର୍ଦ୍ଦେଶ ଦେଲେରେ ବାଳକ ଡଙ୍ଗା ଆଣ ତୁ ଖୋଲି,
ଆଶା ଅଛି ଯଦି ଜୀବନେ ନଦୀ କରିଦେ ପାରି ।
ମନା କରିଦେଲା ବାଜିଆ ମୋତେ ନିର୍ଦ୍ଦେଶ ନାହିଁ,
ଭଲପାଏ ପ୍ରଜାମେଳିକୁ ଡଙ୍ଗା ଖୋଲିବି ନାହିଁ ।
ଧଡାସ ଧଡାସ ବାହାରିଗଲା ବନ୍ଧୁକୁ ଗୁଳି,
ବାଜିଲା ବାଜିଆ ଛାତିରେ ସେଠି ପଡ଼ିଲା ଢଳି ।
ଢଳିଗଲା ସିନା ବାଜିଆ ବାଜି ହାରିଲା ନାହିଁ,
ହୋଇଲା କନିଷ୍ଠ ଶହୀଦ ଗୁଳି ଚୋଟକୁ ଖାଇ ।
ବାଳୁତ ମନରେ ତମର ଦେଖି ଦେଶ ଭକତି,
ପ୍ରଣାମ ଜଣାଏ ତମକୁ ଏଇ ଓଡ଼ିଆ ଜାତି ।

**– ସତ୍ୟବ୍ରତ ସାହୁ**
ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର
ମୋ: ୮୯୧୭୨୭୩୫୪୫

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ଏକତ୍ର ନୃତ୍ୟ



ସବୁ ରାଜ୍ୟରେ ଭିନ୍ନ ଭିନ୍ନ ଲୋକନୃତ୍ୟ ରହିଛି । ରାଜ୍ୟର ବିଭିନ୍ନ ସାଂସ୍କୃତିକ ଉତ୍ସବ ସମୟରେ ଏହି ସବୁ ନୃତ୍ୟ ପରିବେଷଣ କରାଯାଇଥାଏ । ତେବେ ଜମ୍ମୁକଶ୍ମୀରର ଏହିଭଳି ଏକ ନୃତ୍ୟକୁ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି । ବାରମୂଳା ଜିଲାର ଯୁବତୀମାନେ ଏକତ୍ର ହୋଇ ଏକ ନୃତ୍ୟକଳା ପ୍ରଦର୍ଶନ କରିଥିଲେ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି । ଏହି ଅଞ୍ଚଳର ମୋଟ ୧୦,୦୦୦ ଯୁବତୀ ଏକାଠି ହୋଇ ଗୋଟିଏ ସ୍ଥାନରେ ଏହି ନୃତ୍ୟରେ ଭାଗ ନେଇଥିଲେ । ଏଭଳି ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ଭାରତୀୟ ସେନାର ଡାଗର ଡିଭିଜନ୍, ପୁନିତ ବାଲାନ୍ ଗ୍ରୁପ୍ ଓ ବାରମୂଳା ଜିଲା ପ୍ରଶାସନ । ଲୋକଙ୍କ ମଧ୍ୟରେ ଏକତା ସୃଷ୍ଟି କରିବା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଏଭଳି ଏକ ନୃତ୍ୟର ଆୟୋଜନ କରାଯାଇଥିଲା ।

## ଏଥରର ? ଉ ତ ର

- ଶରୀରରେ ବ୍ଲଡ କ୍ଲଟିଂ ନିମନ୍ତେ କେଉଁ ଭିଟାମିନ୍ ଆବଶ୍ୟକ ?
- କୋଣାର୍କ ମନ୍ଦିର କିଏ ନିର୍ମାଣ କରିଥିଲେ ?
- 'କଳ୍ପସୂତ୍ର'ର ଲେଖକ ?
- ଆମ ଦେଶର କେଉଁ ରାଜ୍ୟ ତୈଳ ଉତ୍ପାଦନ କ୍ଷେତ୍ରରେ ଏକ ପୁରାତନ ରାଜ୍ୟ ?
- ଆମ ଦେଶରେ ସର୍ବାଧିକ ବକ୍ସାଇଟ୍ ଉତ୍ପାଦନ କେଉଁ ରାଜ୍ୟରୁ ହୋଇଥାଏ ?

### ଗତଥରର

- ଟେହରି ଡ୍ୟାମ୍
- ଜେ. ଭି. ଆଟାନସୋଫ୍
- ୧୯୪୬ରୁ ୧୯୭୫ ଏପ୍ରିଲ ମଧ୍ୟରେ
- ଲର୍ଡ ଲୁଇସ୍ ମାଉଣ୍ଟବାଟେନ୍
- ସାର ଆର୍ଥର ଜି. ଟାନ୍ସ୍ଲେ

## କହିଲ ଦେଖି



ମନ ଖୁସୀ ଥିଲେ ସିଏ ଆସଇ
ଓଠ ଖୋଲି ସବୁ ଦାନ୍ତ ଦିଶଇ
ତା'ଯୋଗୁ ଦିଶଇ ମୁହଁ ସୁନ୍ଦର
ତା'ପାଇଁ ଚଞ୍ଚଳ ହୁଏ ଶରୀର
ଥଟ୍ଟା ମଜା କଥା ସମୟେ ସେହି
ସଭିଙ୍କ ମୁହଁରେ ଦେଖା ଦିଅଇ
ଏବେ କୁହ ସେହି କ୍ରିୟାର ନାମ
ଯିଏ କହିଦେବ ଚତୁର ଜାଣ ।

**ଉତ୍ତର– ହସ**



ଦୁଃଖ ଯଦି କେବେ ଆସେ ଜୀବନେ
ଦେଖାଦିଏ ସିଏ ଆମ ପରାଣେ
ଲୁହଧାର ପଡେ ଆଖିରୁ ଝରି
କଇଁ କଇଁ ଶବ୍ଦ ଆସେ ବାହାରି
ପିଠି ଥାପୁଡାଇ ପାଖରେ ବସି
ଅନେକ ଦିଅନ୍ତି ସାନ୍ତ୍ୱନା ଆସି
ଦୁଃଖ ଯନ୍ତ୍ରଣାର ସିଏ ସଙ୍ଗାତ
କହି ପାରିବକି ତା'ନାମ ମିତ ।

**ଉତ୍ତର– କାନ୍ଦ**



ମିଠା ଡାକ ତା'ର ଭାରି ସୁନ୍ଦର
ନଇଁ ନଇଁ ଚାଲେ ଘର ଦୁଆର
ଫସରା ଫିଟିଲେ ଉଠେ ଝଅଟ
ଘର କାମ କରେ ନ କରି ମଠ
ଗେହ୍ଲେଇ ଗେହ୍ଲେଇ କୁହଇ କଥା
ସଭିଙ୍କୁ ବାଣ୍ଟଇ ସେନେହ ଶ୍ରଦ୍ଧା
ସଞ୍ଜରେ ଶୁଣାଏ କେତେ ଗପଟି
କହି ପାରିବକି ତା'ର ନାମଟି ।

**ଉତ୍ତର– ଆଈ**

**– ରାମଚନ୍ଦ୍ର ବେହେରା**
ଟେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬



# ଚାଷଜମି ନଥିବା ଦେଶ

ବିଶ୍ୱରେ ଏମିତି ବି ଏକ ଦେଶ ରହିଛି ଯେଉଁଠାରେ ଗୋଟିଏ ହେଲେ ଚାଷଜମି ଦେଖିବାକୁ ମିଳେନି। ଏ କଥା କେହି କେବେ କ'ଣ କଳ୍ପନା କରିପାରେ ? ଉକ୍ତ ଦେଶଟି ହେଉଛି ସିଙ୍ଗାପୁର। ବିକଶିତ ଦେଶ ଭାବରେ ଏହା ବେଶ୍ ଜଣାଶୁଣା। ଅନ୍ୟତମ କ୍ଷୁଦ୍ରତମ ଦେଶ ଭାବରେ ପରିଚିତ ସିଙ୍ଗାପୁରର କ୍ଷେତ୍ରଫଳ ମାତ୍ର ୭୩୫ ବର୍ଗ କିମି। ୧୯୬୫ରେ ଏହା ମାଲେସିଆଠାରୁ ଅଲଗା ହୋଇ ସ୍ୱାଧୀନ ଦେଶର ମାନ୍ୟତା ପାଇଥିଲା। ସିଙ୍ଗାପୁରରେ ସୁଉଚ୍ଚ ଅଟ୍ଟାଳିକା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ଏଠାରେ ଅନେକ ମଲ୍ଟିନ୍ୟାଶନାଲ କମ୍ପାନୀ କାର୍ଯ୍ୟରତ, ଯେଉଁଠି ଦେଶବିଦେଶରୁ ଅନେକ କର୍ମଚାରୀ କାମ କରି ଭଲ ରୋଜଗାର କରିଥାଆନ୍ତି। ଏଠାରେ କଞ୍ଚାମାଲ ଅନ୍ୟଦେଶରୁ ଆସିଥାଏ। ମାଲେସିଆରୁ ପାଣି, କ୍ଷୀର, ଫଳ ଏବଂ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରୁ ପନିପରିବା ଏଠାକୁ ଆସିଥାଏ। ଡାଲି, ଚାଉଳ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆରୁ ଆମଦାନୀ ହୋଇଥାଏ। କାରଣ ଏହି ଦେଶରେ ଆଦୌ ଚାଷଜମି ନାହିଁ। ତେଣୁ ସମସ୍ତ ଆବଶ୍ୟକ ସାମଗ୍ରୀ ପାଇଁ ଉକ୍ତ ଦେଶ ଅନ୍ୟ ଦେଶ ଉପରେ ନିର୍ଭର କରିଥାଏ। କିନ୍ତୁ ସିଙ୍ଗାପୁରର ଆର୍ଥିକ ସ୍ଥିତି ବେଶ୍ ଦୃଢ଼।


# ଗୀତ ଗାଆନ୍ତି ମାଛ



ମନୁଷ୍ୟ ଗୀତ ଗାଇବା ସାଧାରଣ କଥା। କିନ୍ତୁ ଏମିତି ଏକ ଦେଶ ଅଛି ଯେଉଁଠାରେ ମାଛମାନେ ବି ଗୀତ ଗାଆନ୍ତି। ହେଲେ ମନୁଷ୍ୟ ବ୍ୟତୀତ ଅନ୍ୟ କେତେକ ଜୀବଜନ୍ତୁ ଅଛନ୍ତି ଯେଉଁମାନେ ଗୀତ ଶୁଣିବାକୁ ଭଲପାଆନ୍ତି। ବରଫାବୃତ୍ତ ଅଞ୍ଚଳ ଗ୍ରୀନ୍‌ଲାଣ୍ଡରେ ମାଛମାନେ ଗୀତ ଗାଆନ୍ତି। ଆଣ୍ଟଲାଣ୍ଟିକ ମହାସାଗରରେ ରହୁଥିବା ଏହି ମାଛ ଦେଖିବାକୁ ବହୁତ ସୁନ୍ଦର। ଏହି ମହାସାଗରରେ ରହୁଥିବା ମାଛଗୁଡିକ ଗୀତ ଗାଇବା ସହିତ ପରସ୍ପର ମଧ୍ୟରେ ମଧ୍ୟ କଥାବାର୍ତ୍ତା ହୁଅନ୍ତି । ୨୦୧୦ରୁ ୨୦୧୫ ମଧ୍ୟରେ ବୈଜ୍ଞାନିକମାନେ ଏମାନଙ୍କ ଉପରେ ଗବେଷଣା କରିଥିଲେ। ସେହି ସ୍ଥାନରେ ମାଇକ୍ରୋଫୋନ୍ ଲଗାଇ ଏମାନଙ୍କ ଶବ୍ଦକୁ ରେକର୍ଡିଂ କରାଯାଇଥିଲା। ପ୍ରଥମେ ତ ତାଙ୍କୁ ଲାଗିଲା ମାଛମାନେ କେବଳ କଥାବାର୍ତ୍ତା ହେଉଛନ୍ତି, କିନ୍ତୁ ପରେ ଜାଣିବାକୁ ପାଇଲେ ଏମାନେ ଗୀତ ଗାଉଛନ୍ତି। ହ୍ୱେଲ ମାଛ ଏମିତି ଶବ୍ଦ କରନ୍ତି ଯେ ଯିଏ ଶୁଣିବ ସିଏ ଭାବିବ ସତେ ଯେମିତି ଜଣେ ଗାୟକ ଗୀତ ଗାଉଛନ୍ତି। ବୈଜ୍ଞାନିକମାନେ ଏଭଳି ମାଛଙ୍କର ପ୍ରାୟ ୧୮୪ ପ୍ରକାର ସ୍ୱର ରେକର୍ଡିଂ କରିଛନ୍ତି।

# ସୁପରକଣ୍ଡକ୍ଟର

"ସୁପର-କଣ୍ଡକ୍ଟର ଓ କଣ୍ଡକ୍ଟର ଦୁଇ ପ୍ରକାରର ପଦାର୍ଥ, ଯାହାକି ବିଦ୍ୟୁତ୍ ପରିବହନରେ ବ୍ୟବହାର ହୁଏ। କିନ୍ତୁ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହି ଦୁଇଟି ପ୍ରକାରର ପଦାର୍ଥ ସମ୍ପୂର୍ଣ୍ଣ ଭିନ୍ନ। ଯେପରିକି କଣ୍ଡକ୍ଟରଗୁଡିକର ବିଦ୍ୟୁତ୍ ପ୍ରତିରୋଧକ ଶକ୍ତି ତାପମାତ୍ରା ଉପରେ ନିର୍ଭର କରେ, କିନ୍ତୁ ସୁପରକଣ୍ଡକ୍ଟର ପଦାର୍ଥର ବିଦ୍ୟୁତ୍ ପ୍ରତିରୋଧକ ଶକ୍ତି ହିଁ ନ ଥାଏ। ସେମିତି, ସୁପରକଣ୍ଡକ୍ଟର ପଦାର୍ଥ ଯେ କୌଣସି ଅବସ୍ଥାରେ ରହିପାରେ, ହେଲେ କଣ୍ଡକ୍ଟର ସାଧାରଣତଃ କେବଳ କଠିନ ଅବସ୍ଥାରେ ଥାଏ।"





ସାଧାରଣତଃ ଆମେ ଜାଣିଛୁ ଯେ ବିଦ୍ୟୁତ୍ ସୁପରିବାହୀ ପଦାର୍ଥର ପରିବାହିତା ତାପ ଉପରେ ନିର୍ଭର କରେ । ଯଦି ଆମେ ସୁପରିବାହୀ ପଦାର୍ଥର ତାପ ବୃଦ୍ଧି କରିବା, ତା'ହେଲେ ସେହି ପଦାର୍ଥର ପରିବାହିତା ହ୍ରାସ ପାଇବ। ବରଂ ତାପ ବୃଦ୍ଧି ହେଲେ ସେହି ପଦାର୍ଥର ପ୍ରତିରୋଧ କ୍ଷମତା ବଢିଯିବ।

କିନ୍ତୁ ଏକଥା ଜାଣିଲେ ଆଶ୍ଚର୍ଯ୍ୟ ହେବେ କି ଆମ ଦୁନିଆରେ ଏମିତି କିଛି ପଦାର୍ଥ ଅଛି, ଯାହାର ତାପମାତ୍ରାକୁ ଆମେ ଧୀରେ ଧୀରେ କମ୍ କରିଚାଲିଲେ ଏପରି ଏକ ସମୟ ଆସିବ ଯେଉଁ ସମୟରେ ସେହି ପଦାର୍ଥର ପ୍ରତିରୋଧକ ଶକ୍ତି ପୂରାପୂରି ଶୂନ ହୋଇଯିବ ଓ ପଦାର୍ଥର ବିଦ୍ୟୁତ୍ ପରିବାହିତା ବହୁତ ବଢ଼ିଯିବ। ଏହି ଗୁଣକୁ ପଦାର୍ଥର ଅତିପରିବାହିତା (ସୁପର-କଣ୍ଡକ୍ଟିଭିଟି) ଓ ସେହି ପଦାର୍ଥଟିକୁ ଅତିପରିବାହୀ (ସୁପର-କଣ୍ଡକ୍ଟର) କୁହାଯାଏ। ତରଳ ହିଲିୟମ୍, ପାରଦ, ସୀସା ଇତ୍ୟାଦି ଏହି ଶ୍ରେଣୀର ପଦାର୍ଥ । ପଦାର୍ଥର ଏହି ଅଦ୍ଭୁତ ଗୁଣକୁ ୧୯୧୧ ମସିହାରେ ହେକେ କାମେରଲିଙ୍ଗ୍ ଓନେସ୍ ନାମକ ଜଣେ ପଦାର୍ଥ ବିଜ୍ଞାନୀ ଆବିଷ୍କାର କରିଥିଲେ। ତେଣ ଓନେସ୍‌ଙ୍କୁ ସୁପର-କଣ୍ଡକ୍ଟିଭିଟିର ଜନକ ମଧ୍ୟ କୁହାଯାଏ।

ଅତିପରିବାହିତା ପରୀକ୍ଷଣରେ କାମେରଲିଙ୍ଗ୍ ଓନେସ୍ କିଛି ତରଳ ହିଲିୟମ୍‌କୁ ଏକ ନମୁନା ରୂପରେ ନେଇ ପରୀକ୍ଷାକୁ ସମ୍ପାଦନ କରିଥିଲେ। ତାଙ୍କ ପରୀକ୍ଷା ମାଧ୍ୟମରେ ସେ ପ୍ରମାଣ କରିଥିଲେ କି ଯେତେବେଳେ ତରଳ ହିଲିୟମ୍‌ର ତାପମାତ୍ରାକୁ ଧୀରେ ଧୀରେ କମାଗଲା ଓ ଯେତେବେଳେ ପଦାର୍ଥର ତାପମାତ୍ରା ୪.୨ କେଲଭିନ୍‌କୁ ଛୁଇଁଲା, ସେତେବେଳେ ତରଳ ହିଲିୟମ୍‌ର ପ୍ରତିରୋଧକ ଶକ୍ତି ହଠାତ୍ ଶୂନ ହୋଇଗଲା। ତେଣୁ ଢେର ଅଧିକ ପରିମାଣରେ ବିଦ୍ୟୁତ୍ ସ୍ରୋତ ସୃଷ୍ଟି ହେଲା । ଓନେସ୍ ପଦାର୍ଥର ଏହି ଅବସ୍ଥାକୁ ସୁପର-କଣ୍ଡକ୍ଟିଭିଟି ନାମ ଦେଇଥିଲେ। ଯେଉଁ ତାପମାତ୍ରାର ତରଳ ହିଲିୟମ୍ ଭଳି ପଦାର୍ଥର ପ୍ରତିରୋଧକ ଶକ୍ତି ପୂରାପୂରି ଶୂନ ହୋଇଯାଇଥିଲା ତାହାକୁ କ୍ରାନ୍ତିକ ତାପମାତ୍ରା ନାମ ଦିଆଗଲା। ଏହି ଜଟିଳ ତାପମାତ୍ରା ବିଭିନ୍ନ ପଦାର୍ଥ ପାଇଁ ଅଲଗା ଅଲଗା । ଉଦାହରଣ ସ୍ୱରୂପ - ପାରଦ ପାଇଁ ୪.୧ କେଲଭିନ୍, ସୀସା ପାଇଁ ୭.୨ କେଲଭିନ୍ ଓ ଆଲୁମିନମ୍ ପାଇଁ ୧.୨ କେଲଭିନ୍ ।

ସୁପର-କଣ୍ଡକ୍ଟର ଓ କଣ୍ଡକ୍ଟର ଦୁଇ ପ୍ରକାରର ପଦାର୍ଥ ଯାହାକି ବିଦ୍ୟୁତ୍ ପରିବହନରେ ବ୍ୟବହାର ହୁଏ। କିନ୍ତୁ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହି ଦୁଇ ପ୍ରକାରର ପଦାର୍ଥ ସମ୍ପୂର୍ଣ୍ଣ ଭିନ୍ନ। ଯେପରିକି କଣ୍ଡକ୍ଟରଗୁଡିକର ବିଦ୍ୟୁତ୍ ପ୍ରତିରୋଧକ ଶକ୍ତି ତାପମାତ୍ରା ଉପରେ ନିର୍ଭର କରେ, କିନ୍ତୁ ସୁପରକଣ୍ଡକ୍ଟର ପଦାର୍ଥର ବିଦ୍ୟୁତ୍ ପ୍ରତିରୋଧକ ଶକ୍ତି ହିଁ ନ ଥାଏ। ସେମିତି, ସୁପରକଣ୍ଡକ୍ଟର ପଦାର୍ଥ ଯେ କୌଣସି ଅବସ୍ଥାରେ ରହିପାରେ, ହେଲେ କଣ୍ଡକ୍ଟର ସାଧାରଣତଃ କେବଳ କଠିନ ଅବସ୍ଥାରେ ଥାଏ। ସୁପର କଣ୍ଡକ୍ଟରରେ ତିଆରି ହୋଇଥିବା ପଦାର୍ଥମାନ ଦେଇ ଯେତେବେଳେ ବିଦ୍ୟୁତ୍ ପରିବହନ ହୁଏ କୌଣସି ପ୍ରକାରର ଶକ୍ତି କ୍ଷୟ ହୁଏ ନାହିଁ କିନ୍ତୁ କଣ୍ଡକ୍ଟରରେ କିଛି ପରିମାଣର ଶକ୍ତି କ୍ଷୟ ହୁଏ। ଏତେ ପ୍ରକାରର ସୁବିଧା ସୁପରକଣ୍ଡକ୍ଟର ଯୋଗୁ ହୋଇଥିଲେ ମଧ୍ୟ ଏହାର ବ୍ୟବହାର ବହୁତ କମ୍ ବା କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ହେଉଛି । ଏମ୍‌ଆରଆଇ ପରୀକ୍ଷା ସମୟରେ ଏହା ଦ୍ୱାରା ମେଡିକାଲରେ ଆମ ଶରୀରକୁ ସ୍କାନ୍ କରି ଆମ ଅଙ୍ଗପ୍ରତ୍ୟଙ୍ଗ ଓ ଟିସୁଗୁଡିକର ତଥ୍ୟ ମିଳିପାରୁଛି। ସେମିତି ମେଗ୍-ଲେଭ୍ ରେଳଗାଡିରେ ସୁପର କଣ୍ଡକ୍ଟର ବ୍ୟବହାର କରାଯାଇ ଗତିକୁ ବଢାଯାଇ ପାରୁଛି । ଏହା ସ୍ଥାନାନ୍ତୀକରଣରେ ଶକ୍ତି-ଦକ୍ଷ ମଧ୍ୟ ହୋଇପାରୁଛି।

ସୁପରକଣ୍ଡକ୍ଟର ପଦାର୍ଥକୁ ତିଆରି କରିବା ପାଇଁ ଅଧିକ ମୂଲ୍ୟ ଦରକାର ହୁଏ ବା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଅତି କମ୍ ତାପମାତ୍ରାରେ ପଦାର୍ଥକୁ ସୁପର କଣ୍ଡକ୍ଟର ଅବସ୍ଥାକୁ ଆଣିବା ବହୁତ କଷ୍ଟ ହୋଇଥାଏ। ସୁପରକଣ୍ଡକ୍ଟର ତିଆରି କରିବା ପାଇଁ ଯେଉଁ ପ୍ରକାର ପଦାର୍ଥ ଆବଶ୍ୟକ ହୋଇଥାଏ, ତାହା ବହୁତ ଶକ୍ତ । ତେଣୁ ଏହି ପଦାର୍ଥରୁ ବୈଦ୍ୟୁତିକ ତାର ବା ଅନ୍ୟ କୌଣସି ଆକୃତି ତିଆରି କରିବା ବହୁତ କଷ୍ଟ ହୁଏ । ବର୍ତ୍ତମାନ ମ୍ୟାଗଲେଭ୍ ଟ୍ରେନ୍ ପରିବହନ, ସୁପର କମ୍ପ୍ୟୁଟିଂ, କ୍ୱାଣ୍ଟମ୍ କମ୍ପ୍ୟୁଟର ଏବଂ ଶକ୍ତି ସଂରକ୍ଷଣ ଉପକରଣ ଭଳି ବିଭିନ୍ନ ଉଦୟମାନ ପ୍ରଯୁକ୍ତି ବିଦ୍ୟା ପାଇଁ ସୁପର କଣ୍ଡକ୍ଟିଭିଟି ମୁଖ୍ୟ ସହାୟ ହୋଇଛି। ସୁପର କଣ୍ଡକ୍ଟିଭିଟି ଟେକ୍ନୋଲୋଜି ବର୍ତ୍ତମାନ ବିକାଶରେ ଅଛି ଏବଂ ବ୍ୟାପକ ଗ୍ରହଣ ପାଇଁ ସେମାନଙ୍କ ଦକ୍ଷତା ଓ ସୁଲଭତାକୁ ଉନ୍ନତ କରିବା ଲାଗି ଗବେଷଣା ଚାଲିଛି। ଏହା ଦ୍ୱାରା ସୁପର କଣ୍ଡକ୍ଟର ଭବିଷ୍ୟତରେ ଅଧିକ ଉପଯୋଗୀ କରାଯାଇପାରିବ।

**-ସୁବାଶିଷ ଦାସ,** ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ,
ପଦାର୍ଥ ବିଜ୍ଞାନ, ଭଦ୍ରକ ଅଟୋନମସ୍ କଲେଜ,
ଭଦ୍ରକ
ମୋ : ୭୮୪୮୦୬୬୧୦୬

# ଆ ଇ ନା



ଆୟୁଷ ଆଲଫ୍ରେଡ୍ ଦାଶ
୮ ବର୍ଷ/ଭୁବନେଶ୍ୱର



ଆଦ୍ୟାଶା ପ୍ରିୟଦର୍ଶିନୀ
୧୧ ବର୍ଷ/କଟକ